# ସାଇବାଣୀ

ମୋ ଘରଟା ରାଜଧାନୀର ଗୋଟାଏ ମଫସଲିଆ ସାଇ କହିଲେ ଅତ୍ୟୁକ୍ତି ହେବନାହିଁ । ଶରତର ଏହି ଶୀତୁଳିଆ ସକାଳରେ ସାଇର ରିକ୍ସାବାଲାମାନେ ମୋଟାସ୍ୱରରେ ଗଜଲ ଗାଇ ଗାଇ ଯେଉଁ ବେସୁରା ରାଗିଣୀ ତୋଳନ୍ତି, ତା'ର ଶବ୍ଦ ପ୍ରଦୂଷଣରେ ମୋର ସକାଳୁଆ ନିଦଟା ଭାଙ୍ଗିଯାଏ । ଏଇ ରିକ୍ସାବାଲାଗୁଡ଼ାକୁ ସକାଳୁ ସକାଳୁ କିଛି ସ୍ନେହ ମଧୁର ସମ୍ପର୍କରେ ସମ୍ବୋଧନ କରି ମୁଁ ଶଯ୍ୟା ତ୍ୟାଗ କରିବାକୁ ଯେପରି ବାଧ୍ୟ ହୋଇଯାଏ । ସାଇ ମୁଣ୍ଡରେ ଅକର୍ମ କର୍ମଦାୟକ ସଦାଶିବ ଶ୍ରୀ ଲୋକନାଥ ଦେବଙ୍କର ଗୋଟାଏ ଜୀର୍ଣ୍ଣ ମନ୍ଦିର । କେଉଁ ଆଦିମକାଳରୁ ସେ ଏଇ ମନ୍ଦିରମାଳିନୀ ଭୁବନେଶ୍ୱରର ଶତ ସହସ୍ର ମନ୍ଦିରମାନଙ୍କ ମଧ୍ୟରୁ ଗୋଟିଏ ହୋଇ ଆମ ସାଇ ମୁଣ୍ଡରେ ମୁରବୀର ଆସନ ମାଡ଼ି ବସିଛନ୍ତି, ତାହା ମୋତେ ବେଳେବେଳେ ଆଶ୍ଚର୍ଯ୍ୟ କରିପକାଏ । କାରଣ ନୂତନ ରାଜଧାନୀରେ ପୁଣି ପୁରାତନ ମନ୍ଦିର । ଗୋଟାଏ ଗୁରୁଚଣ୍ଡାଳ ଦୋଷ ଥିବା ପରି ଲାଗେ । ସେଇ ସଦାଶିବଙ୍କ ସାମନାରେ, ଅନେକ ଅନେକ ଦୁଃଖଗୁଡ଼ାଙ୍କୁ ଖାଇ ହଜମ କରିଦେଉଥିବା ଗୋଟାଏ ଚରିତ୍ର, ମାନେ ଗୋଟାଏ ସ୍ତ୍ରୀ ଚରିତ୍ର ବସିଥାଏ କାନିପାତି ଓ ହାତପାତି ଗୋଟାଏ ଆଠଣି ଦବାର ଅଳି ଅର୍ଦ୍ଦଳୀ କରି । ଏହା ତା'ର ନିତିଦିନର ବେଉସା ଏବଂ ମୋର ପ୍ରତିଦିନ ସ୍ନାନ ପରେ ପ୍ରଭୁଙ୍କୁ ହାତପାତି କିଛି ଗୋଟାଏ ମାଗିବା ପାଇଁ ଯିବାବେଳେ ସେଇ ସ୍ତ୍ରୀ ଲୋକଟି ସବୁଦିନ ଦେଖାହୁଏ ମୋର ଅନ୍ୟମନସ୍କତା ମଧ୍ୟରେ । ସେ ମାଗେ । ମୁଁ ବି ମାଗେ । ସେ ସାଧାରଣ ଲୋକମାନଙ୍କଠାରୁ କିଛି ମାଗେ । ସେ ସମାଜରେ ଗୋଟାଏ ମାଗିଖିଆ ହେବାବେଳେ, ମୁଁ ସମାଜରେ ନିହାତି ଗୋଟାଏ ଭଦ୍ରୋଚିତ ବ୍ୟକ୍ତିତ୍ୱ । ତା' ସହିତ ମୋର ପରିଚିତ ହୁଏ ଯେଉଁଦିନ ସେ ତା'ର ଘରଛପର ପାଇଁ କିଛି ପଇସା ମାଗେ । ଯେପରି ମୋ ସହିତ ତା'ର ଗୋଟାଏ ଆତ୍ମୀୟତା ଅଛି । ତା' ନାଆଁଟି ବୋଧକରୁ ସୀତା, ସାବିତ୍ରୀ, ଦମୟନ୍ତୀ, ଉର୍ମିଳା ବା ଗୌତମୀ ନଦେଇ ତା' ମା' ଦେଇଥିଲା ସାଇବାଣୀ । ନାଆଁଟି ସହିତ ତା'ର କାର୍ଯ୍ୟର ତର୍ଜମା କରି ବୋଧହୁଏ ପାଠକେ କିଛି ପଚାରିବେ ଯେ, ସାଇବାଣୀକୁ ହାତପତାଇ ଭିକ ମାଗିବାର ବେଉସା ଏ ଲୋକନାଥ ଦେବ କାହିଁକି ଦେଇଛନ୍ତି ?

ସାଇବାଣୀ  ନାମଧେୟା ସେଇ ସ୍ତ୍ରୀ ଲୋକଟି ସେଇ ନିର୍ଦ୍ଦିଷ୍ଟ ସ୍ଥାନରେ ବସି, ପଇସାଟିଏ ମାଗିବାର ତରିକା ନିଜର ଅନିଚ୍ଛା ମଧ୍ୟରେ ତା'ର ହାତ ପତାଉଥିବାର ଢଙ୍ଗଟା ମୋ ପରି ଗୋଟିଏ ନୀରସ କବିର ମନଟାକୁ କାହିଁକି ଟାଣିନିଏ । ମୁଁ ଅନ୍ତତଃ ଭାବେ ଯେ, ସେ ମହିଳାଟି ଏକ ଅଭାବନୀୟ ପରିସ୍ଥିତିରେ ପଡ଼ି ସଂସାରର ମୁକାବିଲା କରିବା ନିମନ୍ତେ ମାଗିବାର ଉପକ୍ରମ କରୁଛି ମାତ୍ର । ଏ ଘୃଣ୍ୟ କାର୍ଯ୍ୟ ପାଇଁ ତାର ସାମାନ୍ୟତମ ଇଚ୍ଛା ମଧ୍ୟ ନାହିଁ । ତା' ମାନେ ଆମେ ଭାବୁ ଯେ, ସେ ଭିକ୍ଷାବୃତ୍ତିକୁ ଆପଣେଇ ନେବାରେ ଗୋଟିଏ ପ୍ରଚ୍ଛନ୍ନ ଇତିହାସର କେତେଟା ଜୀର୍ଣ୍ଣଶୀର୍ଣ୍ଣ ପୃଷ୍ଠା ନିଶ୍ଚୟ ଥିବ । ତା' ଛଡ଼ା ସୁସ୍ଥ ମସ୍ତିଷ୍କ ବ୍ୟକ୍ତିତ୍ୱମାନେ ମନକୁ ମନ ପ୍ରଶ୍ନ କରିପାରନ୍ତି ଯେ, ଯଦି ସେ ସ୍ତ୍ରୀ ଲୋକଟିର ଅନ୍ୟ କୌଣସି  ଚଳିବାର ପାଥେୟ ନାହିଁ, ତେବେ ତିନି ତିନୋଟି ପିଲା ଏପରି ଭିକ୍ଷା ମାଗିବାର ଯୁକ୍ତିଯୁକ୍ତତା କେଉଁଠି ଥାଏ । ମୁଁ ଅନେକବାର ସାହସ ସଂଗ୍ରହ କରି କରି ଥରେ ତାକୁ ପଚାରିଲି ଯେ, ସେ ଏବେବି କାର୍ଯ୍ୟକ୍ଷମ ଓ ମଧ୍ୟବୟସ୍କା ଗୋଟାଏ ସ୍ତ୍ରୀ। ଅନ୍ତତଃ ଏ ଘୃଣ୍ୟପ୍ରଥାକୁ ଅନୁସରଣ ନକରି କାହା ଘରେ କିଛି କାମ କରି ପେଟ ପୋଷିବାର ମାନସିକତା ତା'ର ନାହିଁ କାହିଁକି ?

ଏପରି ଏକ ଭାବନାମୟ ପରିସ୍ଥିତିରେ ସାଇବାଣୀ ମୋତେ ଟଙ୍କା ଦଶଟା ମାଗିବସିଲା ।  ମୁଁ ଛାନିଆଁ ହୋଇ ପଚାରିଲି, କ'ଣ ତା'ର ଟିଭି ନା ରେଡ଼ିଓ କିଣିବାର ଅଛି କି ? ସାଇବାଣୀ କହିଉଠିଲା "ବାବୁ ! ବସ୍ତିରେ ତା'ର ବଖୁରିକିଆ ଘରଟାର ଛପର ଉଡ଼ିଯିବାରୁ ପାଣି ବାହାରେ ବର୍ଷିବା ଆଗରୁ ଘରେ ବର୍ଷୁଛି । ରାତି ରାତି ଅନ୍ୟର ବାରଣ୍ଡାରେ ଆଶ୍ରୟ ନେବାକୁ ପଡୁଛି ।" ମୋ ପରି ଅନ୍ତତଃ କିଛି ବଦାନ୍ୟ ବ୍ୟକ୍ତିୟ ତାକୁ ଦଶଟଙ୍କା କରି ଦେଇପାରିଲେ, ସେ ଘରଟାକୁ ଅନ୍ତତଃ ଘୋଡ଼ାଇଦେଇ ପାରିବ । ଆଉ ପିଲାମାନଙ୍କୁ ମୁଣ୍ଡ ଗୁଞ୍ଜିବାକୁ ଆଶ୍ରୟ ଟିକିଏ ମିଳିଯାଇପାରିବ । ଭୋକିଲା ପେଟରେ ସେମାନେ ଅନ୍ତତଃ ଟିକିଏ ଶୋଇପାରିବେ । "ଭୋକେ ଓଡ଼ିଆ ନିଦ ଯାଏ" ଢଙ୍ଗରେ ।

ମୋ ମନରେ ଉତ୍କଣ୍ଠାର ସ୍ୱରଟା ବ୍ୟଞ୍ଜିତ ହୋଇଉଠିଲା ପୁଣି ଥରେ । ମୁଁ ତାକୁ ପଚାରି ବସିଲି ଆଲୋ ! ତୁ ମାଗିବାର ଯେଉଁ କଳା ବା ଚାତୁରୀ ଦରକାର, ଯେପରି ମାଗିଲେ ଲୋକ ଭିକ ଦେବେ, ତାହା ତୋ ପାଖରେ ନାହିଁ । କାରଣ ତା'ର ଏହି ଗୁଣ ବା ଦୋଷ ଯାହାବି ହେଉ, ସେଇଟାକୁ ମୁଁ ଅନେକ ସମୟରେ ଲକ୍ଷ୍ୟ କରିଥାଏ ।

ମୋର ଜିଜ୍ଞାସାର ଉତ୍ତରରେ ସାଇବାଣୀ କହିଉଠିଲା, "ବାବୁ ! ମୋର ଜୀବନଯନ୍ତ୍ରଣାର କେତେଟା କଥା ମୋର କହିବାର ଅଛି, ଆପଣ କ'ଣ ସମୟ ଦେଇ ଶୁଣିବେ ? ଆପଣ କିଛି ସମୟ ପାଇଁ ମୋର ସେଇ ମେଲା ଚନ୍ଦ୍ର, ସୂର୍ଯ୍ୟର ଅବାଧ ବିଚଳିତ କରୁଥିବା ଘରଟିରେ ପାଦ ଦେଲେ ଅନ୍ତତଃ ମୁଁ ମୋର ଯାତନାର ପୁଟୁଳିଟା ଖୋଲି ଆପଣଙ୍କୁ ଦେଖାଇ ଦେଇ ପାରନ୍ତି ।" ମନରେ ମୋର ଅସୀମ ଉତ୍କଣ୍ଠା ଜାତ ହେଲା । ମୋ ପରି ଗୋଟିଏ ବାଉଳା କବିର ସମୟର ଯଥେଷ୍ଟ ଅଭାବ । ଦିନଟା ଅନ୍ତତଃ ତିରିଶ ଘଣ୍ଟା ହେଲେ ମୋତେ କିଛି ସମୟ ମିଳିପାରେ । ସେ ଯାହାହେଉ, ମୁଁ କାଲି ସାଇବାଣୀର ଘରକୁ ଯିବି ବୋଲି ପ୍ରତିଶ୍ରୁତି ଦେଇ ଘରକୁ ଫେରିଲି । ଗୋଟିଏ କ୍ଳାନ୍ତ ଅବଶ, ଭାରି ମନ ନେଇ ମୋର ସ୍ତ୍ରୀକୁ ଯେତେବେଳେ ସାଇବାଣୀର ନିମନ୍ତ୍ରଣ ବିଷୟରେ କହିବସେ, ସେ ଗତାନୁଗତିକ ଢଙ୍ଗରେ ତାଙ୍କର ଅନୁଜ୍ଞାବ୍ୟଞ୍ଜକ ସ୍ୱରରେ କହିଉଠିଲେ, ତୁମ ପରି ବେକାର ଲୋକଙ୍କର ଆଉ କ'ଣ କାର୍ଯ୍ୟ ଥାଇପାରେ ? ଯେ ମାଗି ଖାଇବାର ସ୍ୱାଦ ପାଇସାରିଲାଣି, ସେ ଲାଗି ଖାଇବ କେତେକେ ? ହେଲେ ତୁମେ କ'ଣ ତା'ର ଏହି ମାଗନ୍ତା ପ୍ରବୃତ୍ତିର ପରିବର୍ତ୍ତନ କରିପାରିବ ? ତା' ଛଡ଼ା ତୁମ ପାଖରେ ସମ୍ବଳ କାହିଁ ଯେ, ତୁମେ ତା'ର ଏ ଦୁଃସ୍ଥିତିର ସୁଧାର କରିପାରିବ । ଏପରି ଅନେକ ଅସମାହିତ ପ୍ରଶ୍ନ । ମୁଁ ବିତର୍କର ସୂତ୍ରପାତ ହେବାର ସ୍ୱର ସୃଷ୍ଟି ହେବା ଆଗରୁ, ଅନ୍ତତଃ ମୋର ମୌନତା ହିଁ ଏ ବାତାବରଣର ସମାଧାନ କରିପାରିବ ଭାବି ମୌନ ରହିଲି ।

ସାଇବାଣୀ ଘରେ ପହଞ୍ଚି ଯାହା ଦେଖିଲି, ସେଥିରେ ମୋର ଜଗନ୍ନାଥଙ୍କ ଉପରେ ଆସ୍ଥା ତୁଟିଯିବା ପରି ଅନୁଭବ ହେଲା । ଗୋଟିଏ କଣରେ ଦୁଇଖଣ୍ଡ କଳା ମଚମଚ ଡେ଼କ୍‌ଚି ପଡ଼ିଛି । ହାଣ୍ଡି ମାଙ୍କଡ଼ଚିଡ଼୍ ମାରିବାରେ କେତେ ଦିନ ଯେ ସେ ଘରେ ରୋଷେଇ ହୋଇନାହିଁ, ତା'ର ସଂକେତ ଦେଉଛି । ଅନ୍ୟ କୋଣରେ ଗୋଟିଏ କଙ୍କାଳ ଭୂଇଁରେ ଲାଗି ପଡ଼ିରହିଛି, ଯେପରି ଆସନ୍ନ ମୃତ୍ୟୁକୁ ତା'ର ନିର୍ନିମେଷ ଅପେକ୍ଷା । ମୋତେ ଗୋଟିଏ ମାଟିର ପିଣ୍ଡି ଉପରେ ଉପବେଶନ କରାଇ ସାଇବାଣୀ ଆରମ୍ଭ କଲା ତା'ର ଜୀବନଯନ୍ତ୍ରଣାର ଉପକ୍ରମଣିକା ।

ବାବୁ ! ମୁଁ ଗୋଟିଏ ଅଶିକ୍ଷିତ ବାଉଳା ସ୍ତ୍ରୀ ଲୋକଟିଏ ନୁହେଁ । ବାପା ମାଟ୍ରିକ୍ ପର୍ଯ୍ୟନ୍ତ ପାଠ ପଢାଇଥିଲେ । ବାପା ମୋର ଜାନିଯୌତୁକ ଦେଇ ଗୋଟିଏ ଯୁଗଧରି ଏଇ ଯେଉଁ କଙ୍କାଳଟା ପଡ଼ିରହିଛି, ତା' ସହିତ ମୋର ବିବାହ

କରାଇଥିଲେ । ଏଇ ଅରୁଣ ସେତେବେଳେ ଗୋଟିଏ ସୁଦୃଶ୍ୟ ପାଞ୍ଚହାତିଆ ମଣିଷଟାଏ ଥିଲା । ବାବୁ! ବାଘଟାରୁ ଖାଦ୍ୟ ଛଡ଼ାଇଆଣି ପିଲାମାନଙ୍କର ମୁହଁରେ ଢୋକେ ଦେବାର ତାକତ୍ ତା'ର ପ୍ରତିଟି ହାତରେ ଈଶ୍ୱର ଦେଇଥିଲେ । ମୁଁ ବିବାହ ପରେ ଅନ୍ତତଃ ଗୋଟିଏ ଦିନ ବାହାରକୁ ବାହାରିବାର ଉପକ୍ରମ କରିନାହିଁ ବା କରିନଥିଲି । ସୁଖ ଓ ଶାନ୍ତିର ଅନନ୍ତ ଛାୟା ମଧ୍ୟରେ ମଜ୍ଜିରହି ମୁଁ ଅନେକ ସ୍ୱର୍ଗର ପରିକଳ୍ପନା କରିପାରିଥିଲି । ପରେ ସେ ତିନୋଟି ସନ୍ତାନର ମା' ହେବାର ସୌଭାଗ୍ୟ ମୋତେ ଦେଇଥିଲେ । ହେଲେ ସମୟ ସମାନ ଯାଏନା । ଅରୁଣ ଯେ ଜଣେ ପାଠୁଆ ସ୍ନାତକ । ଏବେବି ମୋର ମନେପଡ଼େ, ବିବାହବେଦୀରୁ ମୋତେ ଶୂନ୍ୟେ ଶୂନ୍ୟେ ଉଠାଇ ନେଇଯାଇଥିଲେ ଏଇ ଅରୁଣ ଯେ ଆଜି ଗୋଟିଏ କଙ୍କାଳସାର ମଣିଷଟାଏ ।

ଅରୁଣ ଥିଲେ ଆମ ଇଲାକାର ଗୋଟିଏ ନମ୍ବରୀ ଟେଲରିଂ ମାଷ୍ଟର । ଦରଜୀ ଦୋକାନରୁ ବେଉସା ଆରମ୍ଭ କରି ସହରରେ ନାମୀ ମାଷ୍ଟର ଭାବରେ ତାଙ୍କର ପ୍ରତିଷ୍ଠା ହୋଇଆସିଥିଲା । ଭଲ ବ୍ୟବସାୟ ହେଉଥିଲା । ଆମେ ବି ଭଲ ଭାବରେ ସମାଜରେ ଚଳିପାରୁଥିଲୁ । ଦିନେ ହଠାତ୍ ସାମାନ୍ୟ, ଆଘାତ ଯୋଗୁଁ ଅରୁଣ ହୋଇପଡ଼ନ୍ତି ପକ୍ଷାଘାତ ରୋଗର ଶିକାର । ସେ ହୋଇଯାଆନ୍ତି ଚଳତ୍ଶକ୍ତିହୀନ ଗୋଟିଏ ଜୀବ । ମୁଁ ବାହାରକୁ ବାହାରି କିଛିଦିନ ସେଇ ଦୋକାନ ଚଳାଇବାରେ ସକ୍ଷମ ହୋଇଥିଲି । ମାତ୍ର ଅରୁଣଙ୍କର ଶାରୀରିକ ଉପଚାର ନିମନ୍ତେ ଅନ୍ୟ ସମ୍ବଳ ନଥିବାରୁ ସେଇ ଅନ୍ନପାଣିଦାତାଙ୍କୁ ମୋର ହାତଛଡ଼ା କରାଇବାକୁ ପଡ଼ିଲା । ମୁଁ ହୋଇଉଠିଲି ଏକ ସମ୍ଭାବନାହୀନ ମନୁଷ୍ୟ । ମୋର ବାପା ମଧ୍ୟ କିଛିଦିନ ମୋର ପରିବାର ଚଳାଇବାରେ ଆର୍ଥିକ ସହାୟତା ଯୋଗାଇଥିଲେ । ମାତ୍ର ସେ ମଧ୍ୟ ସମ୍ବଳହୀନ ହୋଇଥିବାରୁ ମୋତେ ଭଡ଼ାଘରୁ ବସ୍ତିକୁ ଆସି ରହିବାକୁ ହେଲା । ଏଇଠାରେ ଏଇ ଅବସ୍ଥାରେ ମୁଁ ପିଲାମାନଙ୍କର ପେଟ ଚାଖଣ୍ଡକ ପାଇଁ ଏବଂ ଅରୁଣଙ୍କର ଟ୍ରିଟ୍‌ମେଣ୍ଟ ପାଇଁ ଗୋଟିଏ ବାବୁଙ୍କ ଘରେ ଚାକିରି କରି ଅନ୍ତତଃ ଗୁଜୁରାଣ ମେଣ୍ଟାଇପାରିବି ବୋଲି ଭାବିଲି ଏବଂ କଲି ମଧ୍ୟ । ମାତ୍ର ମୋ ପାଇଁ ମୋର ଦେହ ଓ ପାଶବିକ ମନରେ ଜାଗିଉଠିଥିବା ଦାହ ହିଁ କାଳ ହେଲା । ଯେତେବେଳେ ମୁଁ ଜାଣିଲି, ମୋର ଦେହ ବଦଳରେ ପିଲାମାନଙ୍କୁ ଢୋକେ ମିଳିପାରିବ, ସେତେବେଳେ ମୋର ବିବେକ ବାଧା ଦେଲା ଏବଂ ସେ କାମକୁ ମୁଁ

ଛାଡ଼ିଦେଇ ଆଜିର ଏହି ଘୃଣ୍ୟବୃତ୍ତିକୁ ଆଦରିନେବାରେ ବାଧ ଦେଲି । ଏଥିନିମନ୍ତେ କ'ଣ ବାବୁ ମୁଁ ଏକା ଦାୟୀ ? ଏ ପୀଢ଼ି କ'ଣ ଏହାର ଉତ୍ତରଦାୟୀ ନୁହେଁ କି ? ଏ ସମାଜ କ'ଣ ଏହାର ଉତ୍ତର ଦେବାକୁ ବାଧ ନୁହେଁ ? ମୁଁ ଯେ ଏଇ ବୃତ୍ତିକୁ ଶ୍ରେୟ ମଣିଲି । କାରଣ ଏଥିରେ ମୋର ଶରୀରର ନିରାପତ୍ତା ଅଛି । ପିଲାମାନଙ୍କୁ ପାଖରେ ରଖି ତାଙ୍କର କଥା ପ୍ରତିକ୍ଷଣରେ ବୁଝିହେଉଛି । ଆଉ ଅରୁଣ, ସେ ଯେ ଦୁଇଦିନର ମେହେମାନ । କାଲିକୁ ହୁଏତ ଆଖି ବୁଜିଦେଇପାରେ । ମୁଁ ଯେଉଁ ପଥ ବାଛିନେଲି, ତାହା କ'ଣ ଭୁଲ୍ ରାସ୍ତା ବାବୁ ? ଅନ୍ତତଃ ମୁଁ ଆଜି ଗୋଟିଏ ଭିକାରୁଣୀ ଭାବରେ ତ' ସ୍ୱାଧୀନ । ମୋର ମନରେ ଅନେକ ବିବଦମାନ ସ୍ୱର ଏକାବେଳକେ ବିବର୍ତ୍ତନ ପାଇଁ ଚିତ୍କାର କରି ଉଠିଲେ । ମୁଁ ଚିନ୍ତାକଲି ଅନ୍ତତଃ ଏପରି ଏକ ପରିବାରକୁ ବଞ୍ଚାଇପାରିଲେ ମୋର ଜୀବନ ଧନ୍ୟ ହୋଇପାରିବ । ଘରକୁ ଗୋଟିଏ ଭାରି ଓ ବ୍ୟଥିତ ହୃଦୟ ନେଇ ଫେରିଆସିଲି ସତ, ମାତ୍ର ମୋ ମନରେ ବାରମ୍ବାର ପ୍ରତିଧ୍ୱନିତ ହେଲା ଯେ, ଅରୁଣକୁ ମୋତେ ବଞ୍ଚାଇବାକୁ ହେବ । ଜଗନ୍ନାଥଙ୍କ ନିକଟରେ ଅନେକ ପ୍ରଣତି ଜଣାଇ ସେଦିନ ଶଯ୍ୟା ଧରିଲି ।

ମୋ ପରି ଜଣେ ମଧ୍ୟମବର୍ଗର ମଣିଷ ପାଇଁ ବିଶେଷ ସାହାଯ୍ୟ କରିବା ଏତେ ଅନୁକୂଳ ନୁହେଁ । ମନ ଭିତରେ ଗୋଟିଏ ଅଜଣା ଶକ୍ତି କହିଉଠିଲା ଯେ, ପତନୋନ୍ମୁଖୀ ପରିବାରକୁ ରକ୍ଷାକରିବାରେ ଗୋଟିଏ ସାଧାରଣ ବାହନ ହୋଇପାରିଲେ, ତାହା ମୋ ପାଇଁ ଏକ ବିଶେଷ ଦାନ ନୁହେଁ ତ କର୍ତ୍ତବ୍ୟ ହୋଇଉଠିବ । ଶରତର ବର୍ଣ୍ଣିଳ ଆକାଶରେ ହୁଳା ହୁଳା ଅନେକ ମେଘର ସାମୂହିକ ଆସର । ପାଗଟା ଟିକିଏ ଟିକିଏ ଶୀତୁଆ ଥାଏ । ମୁଁ ଡ଼କ୍ଟର ମିଶ୍ରଙ୍କୁ ଟେଲିଫୋନ୍‌ରେ ପାଇ ସମସ୍ତ ବିଷୟ ବୁଝାଇବା ପରେ ସମୟ ଧାର୍ଯ୍ୟ ହେଲା । ନିର୍ଦ୍ଧାରିତ ସମୟରେ ଡକ୍ଟର ମିଶ୍ରଙ୍କ ପାଖକୁ ଅରୁଣକୁ ନେଇଗଲି, ସାଙ୍ଗରେ ଥାଏ ସାଇବାଣୀ । ଜଣେ ଉଚ୍ଚକୋଟୀର ଅସ୍ଥିଶଲ୍ୟ ବିଶେଷଜ୍ଞ ଭାବରେ ବନ୍ଧୁ ଡକ୍ଟର ମିଶ୍ରଙ୍କର ନାମ ସୁଦୂର ବ୍ୟାପ୍ତ । ସେ ଜଣେ ଦୟାଳୁ, ନିଃସ୍ୱାର୍ଥପର, ରୋଟାରିଆନ୍ ମଧ୍ୟ । ସେ ଅରୁଣଙ୍କୁ ପରୀକ୍ଷାନିରୀକ୍ଷା ଏବଂ ଫଟୋ ଉଠାଇ ଦେଖିବା ପରେ ମୋତେ କହିଲେ, "କବିବନ୍ଧୁ ! ଅରୁଣର ସେପରି କିଛି ସାଂଘାତିକ ଅସ୍ଥିରୋଗ ନାହିଁ, ଯାହା ଭଲ ହୋଇପାରିବ ନାହିଁ । ମୁଁ ଜଗନ୍ନାଥ ଉଦ୍ଦେଶ୍ୟରେ ବାରମ୍ବାର ବିନମ୍ର ପ୍ରଣତି ଜଣାଇ ଔଷଧପତ୍ର ନେଇ ଅରୁଣଙ୍କୁ ତା'ର ଘରେ ଛାଡ଼ିଆସିଲି କିଛି ଚଳିବାର ପଇସାପତ୍ର

ଦେଇ । ମନ ବିବ୍ରତ ହୋଇଉଠିଲା ଯେ, ଏଇ ସମାଜରେ ଏପରି ଅନେକ ଅରୁଣ ବୋଧହୁଏ ସେମାନଙ୍କ ସଂସାରମାନଙ୍କୁ ଉଜାଡ଼ି ଦେଇ ଲୀନ ହୋଇଯାଉଥିବେ । ଯାହାର ହିସାବ ନା ଏ ସମାଜ ରଖିପାରୁଛି, ନା ଗୋଟିଏ ସାମାଜିକ ପ୍ରାଣୀ ଭାବରେ ସର୍ବନିମ୍ନ ସାହାଯ୍ୟ ମଣିଷ ନିମ୍ନବର୍ଗ ପାଇଁ କରିପାରୁଛି । ମୁଁ ସ୍ରଷ୍ଟାଙ୍କୁ ବିନମ୍ର ଭାବରେ ନିବେଦନ କରି ଅନ୍ତତଃ କିଛିଦିନ ଆଗରୁ ଅରୁଣ ଦେଖାହୋଇଥିଲେ, ବୋଧହୁଏ ସାଇବାଣୀର ସଂସାରଟା ଏତେ ଦୁଃଖରୁ ରକ୍ଷା ପାଇ ପାରିଥା'ନ୍ତା ।

ଅରୁଣ ଆସ୍ତେ ଆସ୍ତେ ଔଷଧସେବନ ପରେ ଭଲ ହେବାକୁ ଲାଗିଲାଣି । ମୁଁ ମୋର ନିଜ ତରଫରୁ ଗୋଟିଏ ସିଲେଇ ମେସିନ୍ ଅରୁଣକୁ ତା'ର ଗୁଜୁରାଣ ମେଣ୍ଟାଇବା ପାଇଁ ଦେବି ବୋଲି ମନେମନେ ସିଦ୍ଧାନ୍ତ କରିନେଇଛି । ସେମାନେ ଏକଥା ଶୁଣିବା ପରେ ଆନ୍ତରିକ କୃତଜ୍ଞତା ଦେବାସହ ମୋତେ ବିନମ୍ର ଭାବରେ ପ୍ରଣତି ଜଣାଇବାରେ ଲାଗିପଡ଼ିଲେ ।

ମୁଁ ଘରେ ବସି ସାଇବାଣୀ ଓ ଅରୁଣର ଶ୍ରଦ୍ଧା ଏବଂ ମୋର ଧୈର୍ଯ୍ୟର ଏକ ତୁଳନାତ୍ମକ ଅନୁସନ୍ଧିତ୍ସା ପାଇଁ ଲାଗିପଡ଼ିଲି । ସାରା ସଂସାରର ନିର୍ମାତା ଯେଉଁ ଭେଦଭାବ ରଖି ଏ ସମାଜର ସୃଷ୍ଟି କରିଛନ୍ତି ବୋଲି ଆମେ ଧରିଥାଉ, ବାସ୍ତବିକ ସେ କ'ଣ ସୃଷ୍ଟି କଲାବେଳେ ସେପରି କରିଥିଲେ ? ନା ଆଜିର ସମାଜର ଧ୍ଵଜାଧାରୀମାନେ ଏହାର ସୃଷ୍ଟି ପାଇଁ ଦାୟୀ ।

ଏହାଭିତରେ ଅନେକ ଦିନ ହେଲାଣି, ବୋଧହୁଏ ମୁଁ ନା କେଉଁଠାରେ ସାଇବାଣୀକୁ ଭିକ୍ଷାର ଥାଳ ଧରି ବସିଥିବାର ଦେଖିଛି ନା ସେ କେବେ ଆସି ତା'ର ଦୁଃଖପୂର୍ଣ୍ଣ ସଂସାରର ବିବରଣୀ ମୋତେ ଶୁଣେଇଛି । ମନଟା ବ୍ୟଥିତ ହୋଇଉଠେ ଯେ, ସାଇବାଣୀର ସଂସାର ଏ ପତନୋନ୍ମୁଖୀ ସମାଜର ତୀବ୍ର ଜଳସ୍ରୋତ ଧାରରେ ଭାସିଯାଇ ସମୁଦ୍ରରେ ସଲିଳ ସମାଧି ନେଇନାହିଁ ତ ?

ଏ ମଣିଷଟାକୁ, ସମାଜ କବି ହିସାବରେ ଗଣୁ କି ନଗଣୁ, ମାତ୍ର ଏ ଜଞ୍ଜାଳମୟ ସମାଜରେ ସେ ଯେତେବେଳେ ବଳକା ସମୟ ପାଏ ଗୋଟିଏ କବିତା ବା ଗଳ୍ପରୁ ଧାଡ଼ିଏ, ଦୁଇଧାଡ଼ି ଲେଖି ପକାଇଲେ ବେତାଳ ଭାଷାରେ ଶ୍ରମଭାର ଲାଘବ ହେବାପରି ଟିକିଏ ମନଟା ହାଲ୍‌କା ହୋଇଥାଏ । ମୁଁ ଏପରି ଏକ ସମୟର ସୁଯୋଗ ନେଇ ଲେଖନୀ ଧରିବାବେଳେ ଆମ ଦୁଆରେ କରାଘାତ ହୁଏ ।

ସାମାନ୍ୟ ବ୍ୟଥିତ ହୋଇଉଠି ଦୁଆର ଖୋଲି ଦେଖେ ତ' ଜଣେ ସ୍ତ୍ରୀ ଲୋକ ତା'ର ପିଲାମାନଙ୍କ ସହିତ ଠିଆ ହୋଇଛି । ସେ ଯେ ସାଇବାଣୀ ଏଥିରେ ମୋର ସାମାନ୍ୟ ରୂପେ ସନ୍ଦେହ ରହିଲା ନାହିଁ । ମୁଁ କିଛି ପଚାରିବା ଆଗରୁ ଦେଖୁଛି, ତା'ର ହାତ ଦୁଇଟା ମୋର ପାଦ ଆଡ଼କୁ ଆଗେଇ ଆସୁଛି । ଆଉ ମୋର ସ୍ତ୍ରୀ ମୋର ପଛରେ ଠିଆହୋଇ ଏପରି ଏକ ଆକସ୍ମିକ ଏପିସୋଡ୍‌ର ବିହଙ୍ଗାବଲୋକନ କରିବାରେ ବ୍ୟସ୍ତ ଅଛନ୍ତି । ମୁଁ ତାଙ୍କର ଅହେତୁକ ବିଡ଼ମ୍ବନାର ଅନ୍ତ ଘଟାଇ କହିଲି ସାଇବାଣୀକୁ ଘରେ ବସାଇ କିଛି ଖାଦ୍ୟପାନୀୟର ବ୍ୟବସ୍ଥା କରିବା ପାଇଁ ।

ତା' ପରେ ମୋର ଧର୍ମପତ୍ନୀଙ୍କର ସମସ୍ତ ସନ୍ଦେହର ଅବସାନ ଘଟାଇ ସାଇବାଣୀ ତା'ର ଜୀବନନକ୍ସାର ସମସ୍ତ ରେଖାଚିତ୍ର ମାନଙ୍କର ଉନ୍ମୋଚନ କରିବାରେ ଲାଗିଗଲା ଏବଂ ତା'ର ଆଜିର ସାମାଜିକ ସ୍ଥିତି ପାଇଁ ମୁଁ ଯେ ଗୋଟିଏ ମସିହା ପାଲଟିଯାଇଛି, ଏହା ପ୍ରକାଶ କରିବା ପାଇଁ ତା'ର ସାମାନ୍ୟତମ ଦ୍ୱିଧା ମନରେ ନଥିଲା । ମାତ୍ର ମନେମନେ ମୁଁ ଲଜ୍ଜିତ ହେବାରେ ଲାଗିଲି । ଯାହା ବିଶ୍ୱନିୟନ୍ତାଙ୍କ ସୃଷ୍ଟି ଓ ନିର୍ଦ୍ଦେଶ, ସେଠାରେ ଆମେ ଯେ କେଡ଼େ ନଗଣ୍ୟ, ତାହା ମୋ ମନରେ ଉଙ୍କିମାରିଲା ।

ସାଇବାଣୀ କହିଉଠିଲା, ବାବୁ ! ଅରୁଣ ଆଜି ଆପଣଙ୍କ ଦାନର ସଦୁପଯୋଗ କରି ଆଉ ଗୋଟିଏ ମେସିନ୍ ନେଇଆସିଲାଣି । ମୋର ଆଉ କାହାକୁ ହାତ ପକାଇବାକୁ ଇଚ୍ଛା ହେଉନାହିଁ । ଯାହାର ତୀବ୍ରବିରୋଧୀ ଆପଣ ନିଜେ । ଆଜି ମୋର ସଂସାର ଆପଣଙ୍କ ଯୋଗୁଁ ହସିଉଠିଲା ।

ମୁଁ ଅନୁଭବ କଲି, ମୋର ସ୍ତ୍ରୀ ଯେ ଗୋଟିଏ ସନ୍ଦେହର କୁହୁଳିକା ଭିତରେ ଲୁଚିଗଲେଣି । ସେଥିପାଇଁ ମୁଁ ଅନୁଭବ କରେ ଯେ, ଏପରି ଏକ ଅଭାବନୀୟ ପରିସ୍ଥିତି ପାଇଁ ମୁଁ ଏକମାତ୍ର ଦାୟୀ । କାରଣ ଦାନସୂତ୍ରରେ ଦେବାବେଳେ ମୁଁ ସାମାନ୍ୟ ଶିଷ୍ଟାଚାର ଦୃଷ୍ଟିରୁ ଅନ୍ତତଃ ଥରେ ତାଙ୍କୁ ଜଣାଇନାହିଁ । କାରଣ ମୁଁ ଜାଣେ, ହୁଏତ ସେ ସ୍ୱୀକୃତି ଦେଇନଥା'ନ୍ତେ, ଆମର ପାରିବାରିକ ଦୂରବସ୍ଥାଦୃଷ୍ଟେ । ଏଥିପାଇଁ ମୋତେ ବେଳେବେଳେ ପତ୍ନୀଙ୍କର ରୋଷର ସାମ୍ନା କରିବାକୁ ପଡ଼େ । ମୁଁ ପୌରୁଷତ୍ୱର ଦ୍ୱାହୀ ଦେଇ କଥାଟାକୁ ଏଡ଼ାଇଦେଇଯାଏ, ମାତ୍ର ମୋର ମନ ବେଳେବେଳେ ମାନେ ନାହିଁ । ମୁଁ ଭାବିଥିଲି ଯେ, ମାନସୀ ମୋ କଥାଟାକୁ ନାପସନ୍ଦ କରିବେ । ମାତ୍ର ସେ ଯେ ପୂର୍ଣ୍ଣପ୍ରାଣରେ ମୋର ସମର୍ଥନ କରିବେ, ତାହା

ଈଶ୍ୱରଙ୍କ ସଦିଚ୍ଛା ବ୍ୟତୀତ ଆଉକିଛି ନୁହେଁ । ମୁଁ ଅନ୍ତତଃ ଅନୁଭବ କରେ ଯେ, ଗୋଟିଏ ବିରାଟ ଘନଘଟା ସୃଷ୍ଟି କରିବାକୁ ଯାଉଥିବା କାଳିଆ ମେଘଟା ବହୁତ ଶୀଘ୍ର ଆମ ଆକାଶରୁ ଅପସରିଗଲା ଏବଂ ମୁଁ ଶାନ୍ତିରେ ନିଃଶ୍ୱାସ ମାରିପାରିଲି ।

ସେଦିନଠାରୁ ସାଇବାଣୀ ଓ ତା'ର ପିଲାମାନେ ଯେପରି ମୋର ପରିବାରର ଲୋକ ହୋଇଗଲେ । ସେମାନେ ଫେରିଗଲା ପରେ ମୁଁ ଅନ୍ତତଃ ଅନୁଭବ କଲି ଯେ, ସଂସାରରେ ଗୋଟିଏ ଭଲ କାମ କରିବାର ପ୍ରୟାସ ମନରେ ଜାଗ୍ରତ ହୁଏ, ମଣିଷର ପ୍ରାରବ୍ଧଲଭ୍ୟ ଅନୁସନ୍ଧିତ୍ସା ଯୋଗୁଁ ଏବଂ ଭଗବାନ ନାମଧେୟ ବସ୍ତୁଟି ଯାହା କରାଏ, ତାହା ମନୁଷ୍ୟ ମାଧ୍ୟମରେ ହିଁ ରୂପରେଖ ନେଇଥାଏ । ମଣିଷ ବୋଧହୁଏ ଈଶ୍ୱର ହୋଇଯାଏ, ଯେତେବେଳେ ସେ ଜୀଅନ୍ତା ମଣିଷର ମନଟାକୁ ଐଶ୍ୱରୀୟ ଚକ୍ଷୁରେ ଦେଖେ ।

**